بسم الله الرحمٰن الرحيم

**ଖୁତବା ଜୁମା ୩୧ ଜାନୁୟାରୀ ୨୦୨୦ର ସାରାଂଶ**

**ସ୍ଥାନ- ମସଜିଦ୍ ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍(ବ୍ରିଟେନ୍)**

## *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରି ସାହାବି ହଜ଼ରତ୍ ଅବୁ ତଲହା ର.ଅଙ୍କ ପ୍ରଶଂସନୀୟ , ବିଶ୍ୱାସ ବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନଓ୍ୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜି ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ତାଙ୍କ ନାମ ହେଉଛି ହଜ଼ରତ ଅବୁ ତଲହା ର.ଅ । ହଜ଼ରତ ଅବୁ ତଲହା ଅନସାରୀ ର.ଅଙ୍କ ପ୍ରକୃତ ନାମ ଜ଼ୈଦ୍ ଥିଲା, ତାଙ୍କ ସଂପର୍କ ଖଜ଼ରଜ୍ ସଂପ୍ରଦାୟ ସହିତ ଥିଲା ଏବଂ ସେ ଉକ୍ତ ସଂପ୍ରଦାୟର ଅଧିପତି ଥିଲେ । ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ବୈଅତେ ଅକ଼ବାରେ ଶାମିଲ୍ ଥିଲେ ଏବଂ ବନୁ ହାରିସ୍ ବିନ୍ ଖଜ଼ରଜର ଅଧିପତି ଥିଲେ । ସେ ନିଜର ଗୋତ୍ର ଅବୁ ତଲହା ନାମଠୁ ବି ଅଧିକ ପ୍ରସିଦ୍ଧ ଥିଲେ । ହଜ଼ରତ ଅବୁ ତଲହା ବୈଅତେ ଅକ଼ବା ସାନିୟାରେ ଆଁହଜ଼ରତ ସ.ଅଙ୍କ ହସ୍ତରେ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେ ସମସ୍ତ ଯୁଦ୍ଧରେ ରସୁଲ୍ କରୀମ ସ.ଅଙ୍କ ସହିତ ଶାମିଲ ଥିଲେ । ହଜ଼ରତ ଅବୁ ତଲହା ର.ଅ ଗହମ ବର୍ଣ୍ଣ ଓ ମଧ୍ୟମ ଉଚ୍ଚତା ସଂପନ୍ନ ବ୍ୟକ୍ତି ଥିଲେ । ସେ କେବେହେଲେ ନିଜର କେଶ ଓ ଦାଢିରେ ରଙ୍ଗ ଲେପନ କରି ନଥିଲେ । ହଜ଼ରତ ଅନସ୍ ର.ଅ ହଜ଼ରତ ଅବୁ ତଲହା ର.ଅଙ୍କ ରବିବ୍ (ସାବତ ପୁଅ) ଅର୍ଥାତ ସ୍ତ୍ରୀଙ୍କ ପ୍ରଥମ ସ୍ୱାମୀଙ୍କର ପୁତ୍ର ଥିଲେ । ହଜ଼ରତ ଉମ୍ମେ ସୁଲୈମ୍ ର.ଅଙ୍କ ପ୍ରଥମ ସ୍ୱାମୀ ମାଲିକ୍ ବିନ୍ ନଜ଼ର ଥିଲେ । ତାଙ୍କ ମୃତ୍ୟୁ ପରେ ହଜ଼ରତ ଅବୁ ତଲହା ର.ଅ ତାଙ୍କୁ ବିବାହ କରିଥିଲେ ଏବଂ ତାଙ୍କ ଘରେ ଅବଦୁଲ୍ଲାଃ ଏବଂ ଉମୈରଙ୍କର ଜନ୍ମ ହୋଇଥିଲା। ହଜ଼ରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ଅବୁ ତଲହା ର.ଅ ଉମ୍ମେ ସୁଲୈମଙ୍କୁ ନିକାହ୍ କରିବା ପାଇଁ ସନ୍ଦେଶ ପଠାଇଥିଲେ । ଉମ୍ମେ ସୁଲୈମ୍ ର.ଅ କହିଲେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଆପଣ ଯଦି ଇସଲାମ ଧର୍ମାବଲମ୍ବୀ ହୋଇଥାଆନ୍ତେ ତାହାହେଲେ ମୋର ଆପଣଙ୍କୁ ନିକାହ୍ କରିବାରେ କୌଣସି ଆପତ୍ତି ନଥାଆନ୍ତା। ହେଲେ ମୁଁ ଇସଲାମ୍ ଧର୍ମାବଲମ୍ବୀ ଅଟେ, ଆପଣଙ୍କ ସହିତ ମୋର ନିକାହ କରିବା ଅବୈଧ ଅଟେ । ଏଣୁ ଯଦି ଆପଣ ମୋତେ ନିକାହ କରିବାକୁ ଚାହାନ୍ତି ତେବେ ଆପଣ ପ୍ରଥମେ ଇସଲାମ୍ ଧର୍ମ ଗ୍ରହଣ କରନ୍ତୁ । ଏହା ହିଁ ମୋର ମହେର୍ ହେବ ଏବଂ ଏହା ବ୍ୟତୀତ ମୁଁ ଅନ୍ୟ କୌଣସି ଜିନିଷ ଆପଣଙ୍କୁ ମାଗିବି ନାହିଁ । ସୁତରାଂ ହଜ଼ରତ ଅବୁ ତଲହା ର.ଅ ଇସଲାମ ଧର୍ମରେ ଦୀକ୍ଷିତ ହେଲେ ଏବଂ ଏହା ହିଁ ଉମ୍ମେ ସୁଲୈମ ର.ଅଙ୍କ ପାଇଁ ମେହେର ଭାବେ ଧାର୍ଯ୍ୟ ହୋଇଥିଲା। ହଜ଼ରତ ସାବିତ ର.ଅ କହୁଥିଲେ ଯେ, ମୁଁ ଆଜି ପର୍ଯ୍ୟନ୍ତ ଏପରି କଥା ଶୁଣି ନାହିଁ ଯେ, ଯଦି କୌଣସି ବ୍ୟକ୍ତି ଇସଲାମ ଧର୍ମ ଗ୍ରହଣ କରିନିଏ ତେବେ ତାହା ହିଁ ତା ସ୍ତ୍ରୀ ପାଇଁ ମହେର ହେବ ଏବଂ ତାହା ସମ୍ମାନସ୍ପଦ ହେବ ଯେପରି ଉମ୍ମେ ସୁଲୈମଙ୍କର ମେହେର ଥିଲା।

ହଜ଼ରତ ଅବୁ ତଲହା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ବଦର ଯୁଦ୍ଧ ଦିନ କୁରୈଶମାନଙ୍କ ଅଧିପତିଙ୍କ ମଧ୍ୟରୁ ୨୪ ଜଣ ବ୍ୟକ୍ତିଙ୍କ ସଂପର୍କରେ ଆଦେଶ ଦେଲେ ଏବଂ ସେମାନଙ୍କୁ ବଦରର ଏକ ଅପବିତ୍ର କୂପରେ ନିକ୍ଷେପ କରି ଦିଆଗଲା। ଯେତେବେଳେ ସେ କୌଣସି ଜାତି ଉପରେ ବିଜୟ ଲାଭ କରୁଥିଲେ ସେତେବେଳେ ପଡ଼ିଆରେ ତିନି ରାତି ଧରି ଅବସ୍ଥାନ କରୁଥିଲେ । ତେଣୁ ଯେତେବେଳେ ସେ ବଦର ଯୁଦ୍ଧ ଭୂମିରେ ଅଟକିଲେ ଏବଂ ତୃତୀୟ ଦିନ ହେଲା ସେତେବେଳେ ଆଁହଜ଼ରତ ସ.ଅ ଚାଲିଲେ ଏବଂ ଆଁହଜ଼ରତ ସ.ଅଙ୍କ ସହିତ ସାହାବାମାନେ ମଧ ଚାଲିବାକୁ ଲାଗିଲେ ଏବଂ କହୁଥିଲେ ଯେ, ଆମେ ମନେକରିଥିଲୁ ଯେ, ହୁଜ଼ୁର ସ.ଅ କୌଣସି ଉଦ୍ଦେଶ୍ୟ ରଖି ସେଠାକୁ ଯାଇଥିଲେ । ହୁଜ଼ୁର ସ.ଅ ସେହି କୂପର ମୁଣ୍ଡେର୍ (ଉପରିସ୍ଥ ଭାଗ) ଠାରେ ପହଞ୍ଚି ଛିଡ଼ା ହୋଇଗଲେ ଯେଉଁଠି ସେହି ୨୪ ଜଣ ବ୍ୟକ୍ତିଙ୍କର ଶବକୁ କୂପ ଭିତରେ ନିକ୍ଷେପ କରାଯାଇଥିଲା, ସେହି କୂପଟି ବନ୍ଦ ଥିଲା। ହୁଜ଼ୁର ସ.ଅ ସେହି ଚବିଶ ଜଣ ବ୍ୟକ୍ତିଙ୍କର ଓ ସେମାନଙ୍କ ବାପାଙ୍କ ନାଁ ଧରି ଡାକିବାକୁ ଲାଗିଲେ ଯେ, ହେ ଅମକ ଅମକର ପୁତ୍ର ! କ'ଣ ତୁମେମାନେ ବର୍ତ୍ତମାନ ପ୍ରସନ୍ନ ଅଟ ? ଯେ, ଯଦି ତୁମେମାନେ ଅଲ୍ଲାଃତାଲା ଓ ତାଙ୍କର ପ୍ରେରିତ ବାର୍ତ୍ତାବହଙ୍କ ଆଜ୍ଞା ପାଳନ କରିଥାଆନ୍ତ ତେବେ ଏପରି ଫଳାଫଳରେ ଉପନୀତ ହୋଇ ନଥାଆନ୍ତ । କାରଣ ଆମମାନଙ୍କର ଈଶ୍ୱର ଆମମାନଙ୍କୁ ଯେଉଁ ପ୍ରତିଶୃତି

ଦେଇଥିଲେ ଆମେମାନେ ଉକ୍ତ ସତ୍ୟକୁ ପ୍ରାପ୍ତ କରିନେଇଛୁ । କ'ଣ ତୁମେମାନ ନିଜ ଈଶ୍ୱରଙ୍କ ପ୍ରତିଶୃତି ଅନୁଯାୟୀ ନିଜର ସତ୍ୟକୁ ବା କର୍ମଫଳକୁ ପ୍ରାପ୍ତ କରିଛ ? ଅବୁ ତଲହା ର.ଅ କହୁଥିଲେ ଯେ, ହଜ଼ରତ ଉମର ର.ଅ କହିଲେ ହେ ରସୁଲୁଲ୍ଲାଃ ! ଆପଣ ସେହି ଶବଗୁଡ଼ିକ ସହିତ କ'ଣ କଥାବାର୍ତ୍ତା ହେଉଛନ୍ତି ଯେଉଁ ଶବରେ ପ୍ରାଣ ବାୟୁ ନାହିଁ ତାହା ନିର୍ଜୀବ ଅଟେ । ରସୁଲୁଲ୍ଲାଃ ସ.ଅ କହିଲେ ସେହି ପ୍ରଭୁଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋ ପ୍ରାଣ ବାୟୁ ବିଦ୍ୟମାନ । ମୁଁ ଯେଉଁ କଥା କହୁଅଛି ତୁମେମାନେ ସେମାନଙ୍କ ଠାରୁ ଅଧିକ ଉତ୍ତମ ରୂପେ ଶୁଣୁ ନାହଁ । ଅର୍ଥାତ ଏହି କଥାଗୁଡ଼ିକ ବର୍ତ୍ତମାନ ଅଲ୍ଲାଃତାଲା ସେମାନଙ୍କ ନିକଟରେ ପହଞ୍ଚାଉଛନ୍ତି ଯେ, କିଭଳି ତୁମର ପରିଣତି ହେଲା ।

ହଜ଼ରତ ଅନସ୍ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଓହୋଦ ଯୁଦ୍ଧ ହେଲା ସେତେବେଳେ ଲୋକମାନେ ପରାଜିତ ହୋଇ ନବୀ କରୀମ୍ ସ.ଅଙ୍କ ଠାରୁ ପୃଥକ ହୋଇଗଲେ ଏବଂ ହଜ଼ରତ ଅବୁ ତଲହା ନବୀ କରୀମ୍ ସ.ଅଙ୍କ ସମକ୍ଷରେ ଛିଡ଼ା ହୋଇ ରହିଲେ ଏବଂ ହଜ଼ରତ ଅବୁ ତଲହା ର.ଅ ଏପରି ତୀର ଚାଳନାକାରୀ ଥିଲେ ଯିଏ ଖୁବ ଜୋରରେ ଧନୁକୁ ଟାଣୁଥିଲେ । ସେଦିନ ସେ ଦୁଇ କିମ୍ବା ତିନୋଟି ଧନୁ ଭାଙ୍ଗିଥିଲେ ଏବଂ ଯେକୌଣସି ବ୍ୟକ୍ତି ତୀରର ଥଳି ନିଜ ସାଙ୍ଗରେ ଧରି ଅତିକ୍ରମ କରୁଥିଲା ଆଁହଜ଼ରତ ସ.ଅ ସେହି ବ୍ୟକ୍ତିକୁ କହୁଥିଲେ ଯେ, ତୁମେ ନିଜର ଧନୁତୀର ଅବୁ ତଲହାଙ୍କୁ ଦେଇଦିଅ। ହଜ଼ରତ ଅନସ୍ ର.ଅ କହୁଥିଲେ ଯେ, ଯେତେବେଳେ ନବୀ କରୀମ୍ ସ.ଅ ନିଜର ମୁଣ୍ଡକୁ ଉପରକୁ ଉଠାଇ ଲୋକମାନଙ୍କୁ ଦେଖୁଥିଲେ ସେତେବେଳେ ହଜ଼ରତ ଅବୁ ତଲହା ର.ଅ କହୁଥିଲେ, ମୋ ପିତା ମାତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ, ଆପଣ ମୁଣ୍ଡ ଉଠାଇ ଦେଖନ୍ତୁ ନାହିଁ । କାରଣ ସେମାନଙ୍କର କୌଣସି ତୀର ଆପଣଙ୍କୁ ବାଜିବାର ଯଥେଷ୍ଟ ସମ୍ଭାବନା ରହିଛି । ମୋର ଛାତି ଆପଣଙ୍କ ଛାତି ସମ୍ମୁଖରେ ରହିଅଛି । ହଜ଼ରତ ଆବୁ ତଲହା ଜଣେ ସୁଦକ୍ଷ ଧନୁର୍ଧର ଥିଲେ । ଯେତେବେଳେ ସେ ତୀର ଚଳାଉଥିଲେ ସେତେବେଳେ ନବୀ କରୀମ୍ ସ.ଅ ଉଣ୍ଡୁଥିଲେ ଏବଂ ସେହି ତୀରଗୁଡ଼ିକର ଲକ୍ଷ୍ୟ ସ୍ଥଳକୁ ଯାଇ ନିରୀକ୍ଷଣ କରୁଥିଲେ । ସୁତରାଂ ଉପରୋକ୍ତ ବର୍ଣ୍ଣନାଟି ବୁଖାରୀର ଅଟେ । ଓହୋଦ ଯୁଦ୍ଧରେ ହଜ଼ରତ ଅବୁ ତଲହା ର.ଅଙ୍କର ଏହି କବିତା ପଢିବାର ମଧ୍ୟ ଉଲ୍ଲେଖ ରହିଛି :

وَجْهِي لِوَجْهِكَ الْوِقَاءُ    وَ نَفْسِي لِنَفْسِكَ الْفِدَاءُ

ଅର୍ଥାତ ମୋର ମୁଖ ଆପଣଙ୍କ ମୁଖକୁ ସୁରକ୍ଷା ଦେବା ପାଇଁ ନିୟୋଜିତ ହୋଇଛି ବା ଉଦ୍ଦିଷ୍ଟ ଏବଂ ମୋର ଜୀବନ ଆପଣଙ୍କ ପାଇଁ ଉତ୍ସର୍ଗ ଅଟେ ।

ହଜ଼ରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ମଦିନାକୁ ଆସିଲେ, ଆପଣ ସ.ଅଙ୍କର କୌଣସି ସେବକ ନଥିଲା। ହଜ଼ରତ ଅବୁ ବକ୍କର ର.ଅ ମୋ ହାତକୁ ଧରିଲେ ଏବଂ ମୋତେ ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ନେଇଗଲେ ଏବଂ କହିଲେ ହେ ରସୁଲୁଲ୍ଲାଃ ସ.ଅ ଅନସ୍ ବୁଦ୍ଧିମାନ ବାଳକ ଅଟେ, ଏ ଆପଣଙ୍କର ସେବା କରିବ । ହଜ଼ରତ ଅନସ୍ ର.ଅ କହନ୍ତି ଯେ, ମୁଁ ଯାତ୍ରା ସମୟରେ ଏବଂ ମଦିନାରେ ଅବସ୍ଥାନ ସମୟରେ ମଧ୍ୟ ଆଁହଜ଼ରତ ସ.ଅଙ୍କର ସେବା କଲି । ହଜ଼ରତ ଅନସ୍ ବିନ୍ ମାଲିକ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେ ଆଁହଜ଼ରତ ସ.ଅଙ୍କ ସହିତ ଥିଲୁ ସେତେବେଳେ ଆଁହଜ଼ରତ ସ.ଅ ଅସଫାନ୍ ଯାହାକି ମକ୍କା ଓ ମଦିନାର ମଧ୍ୟବର୍ତ୍ତୀ ସ୍ଥାନର ନାମ ଅଟେ । ଆମେ ଫେରିଲୁ ଏବଂ ରସୁଲୁଲ୍ଲାଃ ସ.ଅ ସେତେବେଳେ ନିଜର ଓଟ ଉପରେ ଆରୋହଣ ହୋଇଥିଲେ ଏବଂ ହୁଜୁର ସ.ଅ ହଜ଼ରତ ସଫିୟା ବିନତ୍ ହୁଇଙ୍କୁ ନିଜ ପଛରେ ବସେଇଥିଲେ । ହୁଜୁର ସ.ଅଙ୍କର ଓଟ ଝୁଣ୍ଟି ପଡ଼ିଲା ଏବଂ ହଜୁର ସ.ଅ ଓ ହଜ଼ରତ ସଫିୟା ର.ଅ ତଳେ ଖସି ପଡ଼ିଗଲେ । ଏହା ଦେଖି ହଜ଼ରତ ଅବୁ ତଲହା ଦ୍ରୁତ ବେଗରେ ଓଟରୁ ଲମ୍ଫ ପ୍ରଦାନ କଲେ ଏବଂ କହିଲେ ହେ ରସୁଲୁଲ୍ଲାଃ ସ.ଅ ମୁଁ ଆପଣଙ୍କ ଉପରେ ଉତ୍ସର୍ଗ ହେଉଛି । ହୁଜୁର ସଅ କହିଲେ ପ୍ରଥମେ ମହିଳାଙ୍କୁ ଦେଖ । ହଜ଼ରତ ଅବୁ ତଲହା ର.ଅ ଉଭୟଙ୍କ ବାହାନକୁ ଠିକ କଲେ ଯେଉଁ ବାହାନ ଉପରରେ ସେମାନେ ଆରୋହଣ ହୋଇଥିଲେ ଏବଂ ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ଚତୁଃପାର୍ଶ୍ୱରେ କୁଣ୍ଡଳୀ କରିନେଲୁ ଏପର୍ଯ୍ୟନ୍ତକି ହୁଜୁର ସ.ଅ ମଦିନା ଠାରେ ପହଞ୍ଚିଗଲେ ।

ହଜ଼ରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଖୈବର ଉପରେ ଆକ୍ରମଣ କଲେ ଏବଂ ଆମେମାନେ ତାହା ନିକଟକୁ ଯାଇଁ ସେଠାରେ ସକାଳ ନମାଜ଼ ପଢିଲୁ । ଅପର ପକ୍ଷରେ ବର୍ତ୍ତମାନ ଅନ୍ଧକାର ଥିଲା । ପୁନଶ୍ଚ ନବୀ କରୀମ୍ ସ.ଅ ଓଟ ଉପରେ ଆରୋହଣ ହେଲେ ଏବଂ ହଜ଼ରତ ଅବୁ ତଲହା ମଧ୍ୟ ଆରୋହଣ ହୋଇଥିଲେ ଏବଂ ମୁଁ ହଜ଼ରତ ଅବୁ ତଲହାଙ୍କ ତାଙ୍କ ପଛରେ ଆରୋହଣ କରିଥିଲେ । ହଜ଼ରତ ଅନସ୍ ବିନ୍ ମାଲିକ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ ହୁନୈନ୍ ଯୁଦ୍ଧ ଦିନ ଯେଉଁ ବ୍ୟକ୍ତି କୌଣସି ଅବଜ୍ଞାକାରୀ ବଦ୍ଧ କରିବ ତେବେ ସେହି ବ୍ୟକ୍ତିକୁ ହିଁ ଉକ୍ତ ବଦ୍ଧ ହୋଇଥିବା ବ୍ୟକ୍ତିର ଧନ ସମ୍ପତ୍ତି

ପ୍ରାପ୍ତ ହେବ । ସେହି ଦିନ ହଜ଼ରତ ଅବୁ ତଲହା ର.ଅ ୨୦ ଜଣ ଅମାନ୍ୟକାରୀଙ୍କୁ ବଦ୍ଧ କରିଥିଲେ ଏବଂ ସେମାନଙ୍କର ସମସ୍ତ ଧନ ସମ୍ପତ୍ତି ତଥା ଆସବାବ ପତ୍ର ମଧ୍ୟ ସେ ନେଇଥିଲେ ଏବଂ ହଜ଼ରତ ଅବୁ ତଲହା ର.ଅ ସେହି ଦିନ ହିଁ ଉମ୍ମେ ସୁଲୈମଙ୍କୁ ଦେଖିଲେ ଯେ, ତାଙ୍କ ପାଖରେ ଏକ ଛୁରା ରହିଛି । ସେ ପଚାରିଲେ ହେ ଉମ୍ମେ ସୁଲୈମ୍ ଏଇଟା କ'ଣ ଅଛି ? ସେ ଉତ୍ତର ଦେଲେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୋର ଯୋଜନା ଥିଲା କି ଯଦି କୌଣସି ଅମାନ୍ୟକାରୀ ମୋ ନିକଟକୁ ଆସେ ତାହାହେଲେ ମୁଁ ଏହି ଛୁରା ସାହାଯ୍ୟରେ ତାହାର ପେଟକୁ ବିଦୀର୍ଣ୍ଣ କରିଦେବି । ହଜ଼ରତ ଅବୁ ତଲହା ର.ଅ ରସୁଲୁଲ୍ଲାଃ ସ.ଅଙ୍କୁ ଏହି କଥା କହିଲେ । ହଜ଼ରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ ଯେ, ସୈନ୍ୟ ଦଳ ମଧ୍ୟରେ ହଜ଼ରତ ଅବୁ ତଲହା ର.ଅଙ୍କ ସ୍ୱର ଏକ ଦଳ ଉପରେ ଅଧିକ ପ୍ରଭାବ ବିସ୍ତାର କରୁଥିଲା । ଅନ୍ୟ କେତେକ ବର୍ଣ୍ଣନାରେ ୧୦୦ କିମ୍ବା ୧୦୦୦ ଜଣ ବ୍ୟକ୍ତିଙ୍କ ମଧ୍ୟ ଉଲ୍ଲେଖ ଥିବା ଜଣାଯାଏ । ଅର୍ଥାତ ତାଙ୍କର ସ୍ୱର ଅତ୍ୟନ୍ତ ଉଚ୍ଚ ଥିଲା। ହଜ଼ରତ ଅବୁ ତଲହା ର.ଅ ୩୪ ହିଜରୀରେ ମଦିନା ଠାରେ ମୃତ୍ୟୁ ବରଣ କରିଥିଲେ ଏବଂ ହଜ଼ରତ ଉସମାନ୍ ର.ଅ ତାଙ୍କର ନମାଜ଼ ଯନାଜ଼ାଃ ପଢେଇଥିଲେ । ମୃତ୍ୟୁବେଳେ ତାଙ୍କୁ ୭୦ ବର୍ଷ ପୁରିଥିଲା। ଅପର ପକ୍ଷରେ ବସରାବାସୀଙ୍କ ନିକଟରେ ତାଙ୍କର ମୃତ୍ୟୁ ଏକ ସାମୁଦ୍ରିକ ଯାତ୍ରା ସମୟରେ ହୋଇଥିଲା ଏବଂ ଏକ ଦ୍ୱୀପ ତାଙ୍କୁ କବର ଦିଆଯାଇଥିଲା ।

ହଜ଼ରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ଅବୁ ତଲହା ର.ଅ ନବୀ କରୀମ୍ ସ.ଅଙ୍କ କାଳରେ ଧର୍ମଯୁଦ୍ଧ ସକାଶେ ନଫଲୀ ବ୍ରତ ପାଳନ କରୁଥିଲେ । କାରଣ ବଳ ଯେମିତି କମ ନହେଉ ଏବଂ ହଜ଼ରତ ଅନସ୍ ର.ଅ ଅଧିକନ୍ତୁ କୁହନ୍ତି ଯେ, ଯେତେବେଳେ ନବୀ କରୀମ୍ ସ.ଅଙ୍କର ଦେହାବସାନ ଘଟିଥିଲା ସେତେବେଳେ ମୁଁ ତାଙ୍କୁ ଇଦୁଲ୍ ଫିତର ଓ ଇଦୁଲ୍ ଅଜ଼ହା ଦିନ ବ୍ୟତୀତ ଅନ୍ୟ ସମସ୍ତ ତାଙ୍କୁ ବ୍ରତ ପାଳନ କରୁଥିବାର ଦେଖି ନାହିଁ । ଏହା ପରଠାରୁ ସେ ନିୟମିତ ଓଷା ରଖିବାକୁ ଲାଗି ଯାଇଥିଲେ । ହଜ଼ରତ ଅବୁ ତଲହା ର.ଅଙ୍କ ଅତିଥି ପ୍ରିୟତାର ଏକ ଘଟଣା ଏପରି ଉଲ୍ଲେଖ ରହିଛି : ହଜ଼ରତ ଅବୁ ହୁରୈରା ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି ନବୀ କରୀମ୍ ସ.ଅଙ୍କ ପାଖକୁ ଆସିଲା, ରସୁଲୁଲ୍ଲାଃ ସ.ଅ କହିଲେ ଏହି ଅତିଥିଙ୍କର ସତ୍କାର କିଏ କରିବ । ଏହା ଶୁଣି ହଜ଼ରତ ଅବୁ ତଲହା ର.ଅ ତାଙ୍କୁ ନିଜ ସାଙ୍ଗରେ ନେଇଗଲେ । ନିଜ ପତ୍ନୀଙ୍କୁ କହିଲେ ଏହି ଅତିଥି ହେଉଛନ୍ତି ଆଁହଜ଼ରତ ସ.ଅଙ୍କର, ତେଣୁ ତୁମେ ତାଙ୍କର ଯଥୋଚିତ ସତ୍କାର କର । ସେ କହିଲେ ଆମ ପାଖରେ ତ' କିଛି ଖାଦ୍ୟ ସାମଗ୍ରୀ ନାହିଁ କିନ୍ତୁ ସେତିକି ପରିମାଣର ଖାଦ୍ୟ ସାମଗ୍ରୀ ରହିଛି ଯାହାକି ଆମ ପିଲାମାନଙ୍କ ପାଇଁ ଅତି କଷ୍ଟରେ ଯଥେଷ୍ଟ ହେବ । ତଲହା ର.ଅ କହିଲେ ପିଲାମାନଙ୍କୁ ଭୋକିଲା ଶୁଆଇ ଦେବ । ସୁତରାଂ ତାଙ୍କର ପତ୍ନୀ ଭୋଜନ ପ୍ରସ୍ତୁତ କଲେ ଏବଂ ଦୀପ ପ୍ରଜ୍ୱଳିତ କଲେ ଏବଂ ପିଲାମାନଙ୍କୁ ଶୁଆଇଦେଲେ । ପୁନଶ୍ଚ ଏହାପରେ ସେ ଉଠିଲା ଏବଂ ଦୀପ ଶିଖାକୁ ଠିକ କରିବା ଆଳରେ ତାହାକୁ ଲିଭାଇ ଦେଲେ । କାରଣ ସେ ଦୁହେଁ ଅତିଥି ଆଗରେ ନିଜ ଓ ପିଲାମାନଙ୍କର ଭୁକ୍ଷୁତାକୁ ପ୍ରକାଶ କରିବାକୁ ଚାହୁଁ ନଥିଲେ । ସେମାନେ ଅତିଥିଙ୍କ ଆଗରେ ଏହା ପ୍ରଦର୍ଶିତ କରୁଥିଲେ ଯେପରି ସେମାନେ ଖାଉଛନ୍ତି ଅର୍ଥାତ ସେମାନେ ଖାଇବାର ଅଭିନୟ କରୁଥିଲେ । କିନ୍ତୁ ସେହି ଦମ୍ପତି ଜଣକ ଉପାସ ରହି ରାତ୍ର ଯାପନ କଲେ । ତେଣୁ ଯେତେବେଳେ ସକାଳ ହେଲା ସେତେବେଳେ ହଜ଼ରତ ଅବୁ ତଲହା ର.ଅ ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ଗଲେ, ରସୁଲୁଲ୍ଲାଃ ସ.ଅ ତାଙ୍କୁ କହିଲେ ଆଜି ରାତିରେ ଅଲ୍ଲାଃତାଲା ତୁମମାନଙ୍କ ଉପରେ ପ୍ରସନ୍ନ ହୋଇଛନ୍ତି ଏବଂ ଅଲ୍ଲାଃତାଲା ଏହି ଐଶୀବାଣୀ ଅବତୀର୍ଣ୍ଣ କରିଛନ୍ତି ଯେ,

وَيُؤْثِرُوْنَ عَلٰۤى اَنْفُسِهِمْ وَلَوْ كَانَ بِهِمْ خَصَاصَةٌ ۗ وَمَنْ يُّوْقَ شُحَّ نَفْسِهٖ فَاُولٰٓئِكَ هُمُ الْمُفْلِحُوْنَ (ସୁରା ଦହର: ୯) ଏବଂ ତାହାଙ୍କ (ଅର୍ଥାତ ଅଲ୍ଲାଃଙ୍କ) ପ୍ରତି ପ୍ରେମ ହେତୁ (ସେମାନେ) ଦରିଦ୍ର, ଅନାଥ ଓ ବନ୍ଦୀମାନଙ୍କୁ ଖାଦ୍ୟ ଖୁଆନ୍ତି ଏବଂ ଯେଉଁମାନଙ୍କୁ ନିଜ କୃପଣତାରୁ ରକ୍ଷା କରାଯାଏ, ଏପରି ସମସ୍ତ ଲୋକ କୃତକାର୍ଯ୍ୟ ହେବେ । ହଜ଼ରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଏକଦା ଯେତେବେଳେ ନିଜ ଶିର ମୁଣ୍ଡନ କଲେ ସେତେବେଳେ ହଜ଼ରତ ଅବୁ ତଲହା ର.ଅ ପ୍ରଥମ ବ୍ୟକ୍ତି ଥିଲେ ଯିଏକି ହୁଜୁର ସ.ଅଙ୍କ କେଶରୁ କିଛି କେଶ ନେଇଥିଲେ । ହଜ଼ରତ ଅନସ୍ ବିନ୍ ମାଲିକ ର.ଅ ବର୍ଣ୍ଣନା କରନ୍ତି ଯେ, ମଦିନାରେ ସମସ୍ତ ଅନସାରୀମାନଙ୍କ ମଧ୍ୟରୁ ହଜ଼ରତ ଅବୁ ତଲହା ର.ଅଙ୍କ ପାଖରେ ଅଧିକ ଖଜୁରୀ ଉଦ୍ୟାନ ଥିଲା ଏବଂ ତାଙ୍କର ପ୍ରିୟ ଉଦ୍ୟାନ ବେଏରେ ହା ଥିଲା। ଯାହାକି ମସଜିଦର ସମ୍ମୁଖରେ ଅବସ୍ଥିତ ଥିଲା ଏବଂ ନବୀ କରୀମ୍ ସ.ଅ ସେହି ଉଦ୍ୟାନକୁ ଆସୁଥିଲେ ଏବଂ ସେଠାରୁ ସ୍ୱଚ୍ଛ ପରିଷ୍କାର ଜଳ ପାନ କରୁଥିଲେ । ହଜ଼ରତ ଅନସ୍ ର.ଅ କହୁଥିଲେ ଯେ, ଯେତେବେଳେ ଏହି ଆୟତଟି ଅବତୀର୍ଣ୍ଣ ହେଲା ଯେ,

لَنْ تَنَالُوا الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ (ସୁରା ଆଲେ ଇମ୍ରାନ:୯୩) ତୁମେମାନେ (ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ) ନିଜ ପ୍ରିୟ ବସ୍ତୁମାନଙ୍କ ମଧ୍ୟରୁ ବ୍ୟୟ ନ କରିବା ପର୍ଯ୍ୟନ୍ତ ତୁମେମାନେ କଦାପି ସମ୍ପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ; ଏବଂ ତୁମେମାନେ ଯାହାକିଛି ବ୍ୟୟ କର ଅଲ୍ଲାଃତାଲା ତାହାକୁ ଭଲଭାବେ ଜାଣନ୍ତି । ହଜ଼ରତ ଅବୁ ତଲହା ର.ଅ ଛିଡ଼ା ହୋଇଗଲେ ଏବଂ କହିଲେ ହେ ରସୁଲୁଲ୍ଲାଃ ! ସ.ଅ ମୋର ସମଗ୍ର ଧନ ସମ୍ପତ୍ତି ମଧ୍ୟରୁ ମୋର ସର୍ବପ୍ରିୟ ସମ୍ପତ୍ତିଟି ହେଉଛି ବେଏରେ ହା ଉଦ୍ୟାନ ଏବଂ ସେହି ଉଦ୍ୟାନକୁ ମୁଁ ବର୍ତ୍ତମାନ ଦାନ ସ୍ୱରୂପ ଅର୍ପଣ କରୁଅଛି । ମୁଁ ଆଶା କରୁଛି ଯେ, ଅଲ୍ଲାଃତାଲାଙ୍କ ନିକଟରେ ଏହି ଦାନର ଗ୍ରହଣୀୟ ହୋଇ ମୋତେ ପୁଣ୍ୟ ପ୍ରାପ୍ତି ହେବ ଏବଂ ତାହା ପୁଣି ଭଣ୍ଡାର ହୋଇଥିବ । ଏଣୁ ଅଲ୍ଲାଃତାଲା ଯେଉଁଠି ଆପଣମାନଙ୍କୁ ବୁଝାଇଛନ୍ତି ଆପଣମାନେ ସେଠାରେ ବ୍ୟୟ କରନ୍ତୁ । ହୁଜ଼ୁର ସ.ଅ କହିଲେ ଶାବ୍‌ବାସ୍ ଏହା ଅତ୍ୟନ୍ତ ଲାଭଦାୟକ ଅର୍ଥ ଅଟେ ଏବଂ କହିଲେ ସାର୍ବକାଳିକ ଚିରସ୍ଥାୟୀ ଧନ ଅଟେ । ହୁଜ଼ୁର ସ.ଅ କହିଲେ ଯେ, ତୁମେ କହିଛ ମୁଁ ଶୁଣି ସାରିଛି । ମୁଁ ଏହା ଉଚିତ ମନେକରୁଛି ଯେ, ତୁମେ ଉକ୍ତ ସମ୍ପତ୍ତିକୁ ନିଜ ସଂପର୍କୀୟଙ୍କ ମଧ୍ୟରେ ବାଣ୍ଟି ଦିଅ । ଅବୁ ତଲହା ର.ଅ ହୁଜ଼ୁର ସ.ଅଙ୍କ ଆଦେଶକୁ ରକ୍ଷା କରି ସେହି ଉଦ୍ୟାନକୁ ନିଜ ସଂପର୍କୀୟଙ୍କ ମଧ୍ୟରେ ଓ ନିଜର ଦାଦାଙ୍କ ପୁଅମାନଙ୍କ ମଧ୍ୟରେ ବାଣ୍ଟି ଦେଲେ । ହଜ଼ରତ ଅବୁ ତଲହାଙ୍କୁ ଏହି ସମ୍ମାନ ଓ ସୌଭାଗ୍ୟ ମଧ୍ୟ ପ୍ରାପ୍ତ ହୋଇଛି ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କର ଏକ ପୁତ୍ରୀର ବିୟୋଗରେ ହୁଜ଼ୁର ସ.ଅଙ୍କ କହିବାନୁଯାୟୀ ସେହି କବର ପାଖକୁ ଗଲେ ଏବଂ ହୁଜ଼ୁର ସ.ଅଙ୍କର ସୁପୁତ୍ରୀଙ୍କର ପବିତ୍ର ଶବକୁ କବର ମଧ୍ୟକୁ ଓହ୍ଲାଇଥିଲେ ।

ହଜ଼ରତ ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଅବଦୁଲ୍ଲାଃ ବିନ୍ ଅବୁ ତଲହା ର.ଅ ଜନ୍ମ ଗ୍ରହଣ କଲେ ସେତେବେଳେ ହଜ଼ରତ ଅନସ୍ ଯିଏକି ତାଙ୍କ ମାଙ୍କ ଆଡୁ ଭାଇ ଥିଲେ ସେ କହନ୍ତି ଯେ, ମୁଁ ଅବୁ ତଲହା ର.ଅଙ୍କୁ ନେଇ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲି । ରସୁଲୁଲ୍ଲାଃ ସ.ଅ ନିଜର ଜୁବା (ଅର୍ଥାତ ଏକ ଆରବୀୟ ପୋଷାକ) ଘୋଡ଼ାଇ ହୋଇଥିଲେ ଏବଂ ନିଜର ଓଟକୁ ତାରକୋଲ୍ ଲେପନ କରୁଥିଲେ । ହୁଜ଼ୁର ସ.ଅ କହିଲେ କ'ଣ ତୁମ ପାଖରେ ଖଜୁରୀ ଅଛି ? ମୁଁ ଉତ୍ତର ଦେଲି ଆଜ୍ଞା ହଁ ଅଛି । ଏଣୁ ମୁଁ କିଛି ଖଜୁରୀ ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥାପିତ କଲି । ଯାହାକୁ ଆଁହଜ଼ରତ ସ.ଅ ନିଜ ପାଟିରେ ପକାଇଲେ ଏବଂ ପୁନଶ୍ଚ ତାହାକୁ ଭଲଭାବରେ ଚୋବେଇଲେ । ପୁନଶ୍ଚ ଜନ୍ମିତ ନବଜାତ ସନ୍ତାନର ପାଟିକୁ ଖୋଲିଲେ ଏବଂ ସେହି ଖଜୁରୀଟିକୁ ଉକ୍ତ ନବଜାତକୁ ଖୁଆଇଲେ ସେତେବେଳେ ସେହି ସନ୍ତାନଟି ଉକ୍ତ ଖଜୁରୀକୁ ଚୁଚୁମିବାକୁ ଲାଗିଲା। ଏହା ଦେଖି ରସୁଲୁଲ୍ଲାଃ ସ.ଅ କହିଲେ ଯେ, ଅନସାରର ଖଜୁରୀ କୋଳି ପ୍ରତି ମୋହ ଅର୍ଥାତ ନବଜାତକୁ ମଧ୍ୟ ଖଜୁରୀ କୋଳି ଭଲ ଲାଗିଛି ଏବଂ ହୁଜ଼ୁର ସ.ଅ ସେହି ପିଲାର ନାମ ଅବଦୁଲ୍ଲାଃ ରଖିଲେ ।

ହଜ଼ରତ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଦିସରେ ଜଣେ ସାହାବିୟାଙ୍କ ସଂପର୍କରେ ଏକ କାହାଣୀ ଉଲ୍ଲିଖିତ ଅଛି (ଏବଂ ତାହା ଉମ୍ମେ ସୁଲୈମଙ୍କ ସଂପର୍କରେ ହିଁ ଅଟେ) ଯେ, ରସୁଲ୍ କରୀମ ସ.ଅ ତାଙ୍କର ସ୍ୱାମୀ ହଜ଼ରତ ଅବୁ ତଲହା ର.ଅଙ୍କୁ କୌଣସି ଏକ ଇସଲାମୀୟ ସେବା ପାଇଁ ବାହାରକୁ ପ୍ରେରଣ କରିଥିଲେ । ତାଙ୍କର ପୁତ୍ର ଅସୁସ୍ଥ ଥିଲା ସେହି ସାହାବି ଯେତେବେଳେ ଫେରିଲେ ସେତେବେଳେ ତାଙ୍କ ଅନୁପସ୍ଥିତିରେ ତାଙ୍କ ପୁତ୍ରର ବିୟୋଗ ହୋଇ ସାରିଥିଲା। ସେହି ମୃତକ ସନ୍ତାନର ମାତା ନିଜ ମୃତକ ସନ୍ତାନର ଶବ ଉପରେ ଏକ କପଡ଼ା ଘୋଡାଇ ଦେଲେ । ସେହି ମାତା ସ୍ନାନ କଲେ ଏବଂ ସୁଗନ୍ଧ ବୋଳି ହେଲେ ଏବଂ ଅତ୍ୟନ୍ତ ଧୈର୍ଯ୍ୟର ସହିତ ସେ ନିଜ ସ୍ୱାମୀଙ୍କୁ ସ୍ୱାଗତ କଲେ । ତାଙ୍କ ସ୍ୱାମୀ ଆସିବା ମାତ୍ରେ ନିଜ ପିଲାର ଅବସ୍ଥା ବିଷୟରେ ପଚାରିଲେ ଯେ, ପିଲା କେମିତି ଅଛି ? ସେହି ସାହାବିୟା ଜଣକ ଉତ୍ତରେ ଦେଲେ ଯେ, ସେ ପୁରାପୁରି ଆରାମରେ ଅଛି । ସେହି ମହିଳାଙ୍କ ସ୍ୱାମୀ ଖାଦ୍ୟ ଖାଇଲେ ଏବଂ ନିଜ ସ୍ତ୍ରୀଙ୍କ ସହିତ ଶାରୀରିକ ସଂପର୍କ ମଧ୍ୟ ସ୍ଥାପନ କଲେ । ସ୍ତ୍ରୀ ବା ପତ୍ନୀ କହିଲେ ଯେ, ମୁଁ ଆପଣଙ୍କୁ ଗୋଟିଏ କଥା ପଚାରିବାକୁ ଚାହୁଁଛି ! ସ୍ୱାମୀ ଉତ୍ତରରେ କହିଲେ କେଉଁ କଥା ପଚାରୁନ । ସ୍ତ୍ରୀ କହିଲେ ଯେ, ଯଦି କୌଣସି ବ୍ୟକ୍ତି ଅନ୍ୟ ଲୋକ ପାଖରେ ନିଜର ସନ୍ତକ ରଖି ଦେଇଯାଏ ଏବଂ କିଛି କାଳ ପରେ ଯଦି ସେହି ବ୍ୟକ୍ତି ନିଜର ଜିନିଷକୁ ଫେରାଇ ନେବାକୁ କୁହେ ତେବେ ଉକ୍ତ ବ୍ୟକ୍ତିକୁ ତାହାର ଜିନିଷ ବା ସନ୍ତକକୁ ଫେରାଇବା ଉଚିତ ହେବ କି ନା ନୁହେଁ ? ସ୍ୱାମୀ ଉତ୍ତର ଦେଲା ଯେ, ଏମିତି କେଉଁ ମୂର୍ଖ ବ୍ୟକ୍ତି ରହିଛି ଯିଏ ରଖି ଯାଇଥିବା ବ୍ୟକ୍ତିର ସନ୍ତକକୁ ଫେରସ୍ତ କରିବ ନାହିଁ। ସ୍ତ୍ରୀ ଉତ୍ତର ଦେଲା ଯେ, ସେହି ବ୍ୟକ୍ତିକୁ ଅବଶୋଷ /ଦୁଃଖ ତ ନିଶ୍ଚିନ୍ତ ଲାଗିବ ଯେ, ମୁଁ ତା'ର ସନ୍ତକକୁ ଫେରସ୍ତ କରୁଛି । ସ୍ୱାମୀ ଉତ୍ତର ଦେଲେ ଯେ, ଅବଶୋଷ କେଉଁ କଥା ପାଇଁ ! ସେହି ବସ୍ତୁ ବା ଜିନିଷଟି ତ' ତା'ର ନିଜସ୍ୱ ନଥିଲା । ଯଦି ସେହି ବ୍ୟକ୍ତି ସେହି ଜିନିଷକୁ ଫେରସ୍ତ କରିଦିଏ ତେବେ

ତାକୁ କ'ଣ ବା ଅବଶୋଷ ହେବ । ସ୍ତ୍ରୀ ଉତ୍ତର ଦେଲା ଯେ, ଆଚ୍ଛା ତାହାହାଲେ ଏମିତି କଥା ଶୁଣ । ଆମର ପୁତ୍ର ଯିଏ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରଦତ୍ତ ଏକ ସନ୍ତକ ଥିଲା ଅଲ୍ଲାତାଲା ତାକୁ ଆମ ଠାରୁ ଫେରାଇ ନେଇଛନ୍ତି ।

ହୁଜୁର ଅନୱର ଅ.ବ କହିଲେ ଯେ, ସେ କାଳରେ ମହିଳାମାନଙ୍କ ଠାରେ ଏହିଭଳି ଉତ୍ସାହ ଦେଖିବାକୁ ମିଳୁଥିଲା। ତେଣୁ ଜୀବନ ଦେବାର କୌଣସି ମୂଲ୍ୟ ନାହିଁ । ବିଶେଷ କରି ବିଶ୍ୱାସକାରୀ ପାଇଁ । କାରଣ ତାହା ଅତ୍ୟନ୍ତ ସାଧାରଣ କଥା ଅଟେ । ସୁତରାଂ ଆଁହଜ଼ରତ ସ.ଅଙ୍କ ଦୁଆ ବଳରେ ଅଲ୍ଲାଃତାଲା ତାଙ୍କୁ ଏତେ ସମ୍ମାନିତ କଲେ ଯେ, ଅନସାରମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ବର୍ଣ୍ଣନା କରନ୍ତି ଯେ, ମୁଁ ହଜ଼ରତ ଅବୁ ତଲହା ର.ଅଙ୍କର ୯ ଜଣ ସନ୍ତାନ ଦେଖିଲି ଏବଂ ସେମାନେ ସମସ୍ତ କୁରଆନର କାରୀ ଥିଲେ। ହଜ଼ରତ ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ହଜ଼ରତ ଅବୁ ତଲହା ଅନସାରୀ, ହଜ଼ରତ ଅବୁ ଉବୈଦା ବିନ୍ ଅଲ୍ ଜର୍ରାହ୍ ଏବଂ ହଜ଼ରତ ଉବୈ ବିନ୍ କାଆବ ର.ଅଙ୍କୁ ଖଜୁରୀର ମଦିରା ପାନ କରାଉଥିଲି । ଠିକ ଏତିକି ବେଳେ ଜଣେ ଆଗନ୍ତୁକ ଆସି ସମ୍ବାଦ ଦେଲା ଯେ, ମଦିରା ଅବୈଧ କରି ଦିଆଯାଇଛି । ହଜ଼ରତ ଅବୁ ତଲହା ର.ଅ ସେହି ବ୍ୟକ୍ତି ଠାରୁ ସୂଚନା ପାଇବା କ୍ଷଣେ କହିଲେ ଯେ, ହେ ଅନସ୍ ସେହି ମାଠିଆଗୁଡ଼ାକୁ ଭାଙ୍ଗି ପକାଅ । ହଜ଼ରତ ଅନସ୍ ର.ଅ କହନ୍ତି ଯେ, ମୁଁ ଗୋଟିଏ ପଥର ଟେଳାଟିଏ ଧରି ମାଠିଆର ନିମ୍ନ ଭାଗରେ ପ୍ରହାର କରି ସେଗୁଡ଼ିକୁ ଭାଙ୍ଗି ପକାଇଲି ।

ହୁଜୁର ଅନୱର ଅ.ବ କହିଲେ ଯେ, ବର୍ତ୍ତମାନ ମୁଁ ସଂକ୍ଷିପ୍ତ ଚର୍ଚ୍ଚାରେ ଜଣେ ସ୍ୱର୍ଗତଙ୍କ ସଂପର୍କରେ ଆଲୋଚନା କରିବି ଏବଂ ତାଙ୍କର ନମାଜ଼ ଯନାଜ଼ାଃ ମଧ୍ୟ ପଢେଇବି । ସେ ହେଉଛନ୍ତି ସ୍ୱର୍ଗତ ବାବୁ ମୁହମ୍ମଦ ଲତିଫ୍ ସାହେବ୍ ଅମୃତସରୀ ଇବନେ ହଜ଼ରତ ମିଆଁ ନୁର ମୁହମ୍ମଦ ସାହେବ ଯିଏକି ହଜ଼ରତ ମସିହ୍ ମଉଦ ଅ.ସଙ୍କର ସାହାବି ଥିଲେ । ୨୦୨୦ମସିହା ଜାନୁୟାରୀ ମାସ ୨୬ ତାରିଖ ଦିନ ରବୱାର ନୁର ହସ୍ପିଟାଲରେ ତାଙ୍କର ବିୟୋଗ ହୋଇଥିଲା।إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ। ସେ ସିଲସିଲାର ଜଣେ ସୁପରିଚିତ ପ୍ରଚାରକ,ସମ୍ମାନନୀୟ ମୁହମ୍ମଦ ସିଦ୍ଦିକ୍ ଅମୃତସରୀ ସାହେବଙ୍କ ସାନ ଭାଇ ଥିଲେ । ବାବୁ ଲତିଫ ସାହେବଙ୍କ ପିତା ବାବୁ ସାହେବଙ୍କୁ ସାଙ୍ଗରେ ଧରି ଯୁବ ବୟସର ପ୍ରଥମ ସୋପାନର ହଜ଼ରତ ମୁଲେହ୍ ମଉଦ୍ ର.ଅଙ୍କ ସେବାରେ ୱକ୍ଫ୍ ପାଇଁ ଉପସ୍ଥାପିତ କରିଥିଲେ । ତାଙ୍କର ସେବା କରିବା ମୋଟ ବୟସ ହେଉଛି ୬୨ ବର୍ଷ । ଯେଉଁଥିରେ ସେ ପ୍ରାୟ ୫୩ ବର୍ଷ ପର୍ଯ୍ୟନ୍ତ ବେସରକାରୀ କାର୍ଯ୍ୟାଳୟରେ ସେକ୍ରେଟାରୀ ଭାବରେ ବିଭିନ୍ନ ପଦବୀରେ ସେ ସେବା କରିବାର ସୁଯୋଗ ପାଇ ଆସୁଥିଲେ । ପାକିସ୍ତାନ ଦେଶ ଗଠନ ହେବା ପରେ ତାଙ୍କୁ କେନ୍ଦ୍ର କ଼ାଦିୟାନର ସୁରକ୍ଷା କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା। ତାଙ୍କର ୫ ଜଣ ପୁତ୍ରୀ ଅଛନ୍ତି ଏବଂ ଜଣେ ପୁତ୍ର ଥିଲା । ତାଙ୍କ ବିୟୋଗ ପୂର୍ବରୁ ତାଙ୍କ ଝିଅଙ୍କର କିଛିଦିନ ତଳେ ବିୟୋଗ ହୋଇଥିଲା।

ହୁଜୁର ଅନୱର ଅ.ବ କହିଲେ ଯେ, ଯେତେବେଳେ ମୁଁ ରବୱାରେ ଥିଲି ସେତେବେଳେ ମୁଁ ତାଙ୍କୁ ଦେଖିଛି ସେ ଅକ୍ଳାନ୍ତ ପରିଶ୍ରମ କରି କାର୍ଯ୍ୟାଳୟକୁ ଆସୁଥିଲେ, ଅକ୍ଳାନ୍ତ ପରିଶ୍ରମର ସହିତ ସେ କାର୍ଯ୍ୟ କରୁଥିଲେ । ସେ କଦାପି ଏପରି ଭାବୁ ନଥିଲେ ଯେ, ଘରକୁ ଯିବାର ଅଛି କିମ୍ବା କାର୍ଯ୍ୟାଳୟର ସମୟ ସମାପ୍ତ ହୋଇଯାଇଛି । ତାଙ୍କର ପ୍ରକୃତ ଉଦ୍ଦେଶ୍ୟ ଥିଲା ଯେ, ଜମାଅତର କରିବି ଏବଂ ତାଙ୍କର ଗୋଟିଏ ସୁଗୁଣ ରହିଥିଲା ଯେ, ସେ କେବେହେଲେ ଅନ୍ୟମାନଙ୍କ ସହିତ କୌଣସି ଘଟଣା ସଂପର୍କରେ ଆଲୋଚନା କରାଯାଉ । ଯେଉଁ ପତ୍ର ବି ତାଙ୍କ ପାଖକୁ ଆସୁଥିଲା ତାହାକୁ ସେ ସର୍ବଦା ଗୁପ୍ତ ରଖୁଥିଲେ ଏହି ଗୋପନତାକୁ କାହାରି ଆଗରେ ସେ ପ୍ରକାଶ କରୁନଥିଲେ । ୧୯୩୪ ମସିହାରେ ଯେତେବେଳେ ହଜ଼ରତ ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ଇସଲାମାବାଦ୍ ସଂସଦରେ ଉପସ୍ଥିତ ହେଉଥିଲେ ସେତେବେଳେ ସେ ବ୍ୟକ୍ତିଗତ ସହାୟକର ଅମଲା ରୂପେ ସେଠାରେ ଉପସ୍ଥିତ ରହୁଥିଲେ । କାର୍ଯ୍ୟାଳୟର କାର୍ଯ୍ୟ ବ୍ୟତୀତ ସେ ସର୍ବଦା ଅନ୍ୟମାନଙ୍କୁ ସାହଯ୍ୟ କରୁଥିଲେ । କର୍ମଚାରୀମାନଙ୍କ ସହିତ ମିଶି ବାସନକୁସନ ସଫା କରୁଥିଲେ । ବାସ୍ତବିକ ସେ ଜଣେ ନିଃସ୍ୱାର୍ଥପର ବ୍ୟକ୍ତି ଥିଲେ । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ । ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ଧୈର୍ଯ୍ୟ ଏବଂ ସାହାସ ପ୍ରଦାନ କରନ୍ତୁ ଏବଂ ତାଙ୍କର ପୁଣ୍ୟ କର୍ମଗୁଡ଼ିକୁ ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ଉଜ୍ଜୀବିତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

..........................................

KHULASA KHUTBA JUMA HUZOOR ANWAR a.b.a

24th Jan 2020

...................